# SAMPLE QUESTION PAPER FOR 1ST TERM
# SUMMATIVE ASSESSMENT – I (2010-11)
## STD. – X
## SUB. – ODIA (013)

**Time Allowed : 3 Hours** **Maximum Marks : 80**

ସୂଚନା :-

ଏହି ପ୍ରଶ୍ନପତ୍ରରେ ଯଥାକ୍ରମେ ଚାରୋଟି ବିଭାଗ ଅଛି ।

(କ) ପଠନ – Reading – 10 Marks

(ଖ) ଲିଖନ – Writing – 15 Marks

(ଗ) ବ୍ୟାକରଣ – Grammar – 15 Marks

(ଘ) ସାହିତ୍ୟ – Literature – 40 Marks

## 'କ' – ବିଭାଗ / Section – 'A' (10 Marks)

**1.** ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପାଠ କରି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (2 x 5 = 10)

ସାହିତ୍ୟ ହିଁ ସଭ୍ୟତାର ଉଜ୍ଜ୍ୱଳ ସ୍ୱାକ୍ଷର । ଯେ କୌଣସି ଜାତିର ବା ବ୍ୟକ୍ତିର ପ୍ରଜ୍ଞାର ଐଶ୍ୱର୍ଯ୍ୟମୟ ଆଭାସ ସାହିତ୍ୟରୁ ହିଁ ଉପଲବ୍ଧ ହୋଇଥାଏ । ସାହିତ୍ୟ ଦ୍ୱାରା ସମାଜର ନୈତିକ ଓ ବୌଦ୍ଧିକ ବିକାଶ ସାଧନ ହୋଇ ମାନବିକ ମୂଲ୍ୟବୋଧ ବୃଦ୍ଧି ପାଇଥାଏ । କିନ୍ତୁ ଦୁଃଖର ବିଷୟ, ଆମ ପାଇଁ, ସାହିତ୍ୟ ଆଉ ଆଦରର ବସ୍ତୁ ହୋଇ ରହିନାହିଁ । କେତେକଙ୍କ ମତରେ ସାହିତ୍ୟ ସାଧନା ଓ ଚର୍ଚ୍ଚା ହେଉଛି ଅଳସୁଆଙ୍କ କାର୍ଯ୍ୟ । 'ସାହିତ୍ୟ ଦ୍ୱାରା ଯେ ହିତ ସାଧନ ହୁଏ' – ଏ କଥା ଅନେକ ସ୍ୱୀକାର କରୁ ନାହାନ୍ତି । 'ସାହିତ୍ୟରେ ଜୀବନ ନିର୍ମାଣର କଳା ରହିଛି' – ଏହି ଚେତନା ସଂପ୍ରତି ଅନେକ ବ୍ୟକ୍ତିଙ୍କର ନାହିଁ । ସାମାଜିକ ଚେତନା ସୃଷ୍ଟି ନିମିତ୍ତ ସାହିତ୍ୟର ଭୂମିକା ଆଜି ଅର୍ଥହୀନ । ଭାଷା ସାହିତ୍ୟର ବିକାଶ ନିମିତ୍ତ ଅଗଣିତ ସଂଘ, ସଂସଦ, ପରିଷଦ ଓ ଏକାଡେମୀ ପ୍ରଭୃତି ଗଠିତ ହୋଇଥିଲେ ହେଁ ଏସବୁ ଅନୁଷ୍ଠାନ ସର୍ବସାଧାରଣଙ୍କ ସ୍ନେହଶ୍ରଦ୍ଧାରୁ ବଞ୍ଚିତ । ସଂପ୍ରତି ସାହିତ୍ୟ ପରିବର୍ତ୍ତେ ବୈଦ୍ୟୁତିକ ଗଣମାଧ୍ୟମ ସାର୍ବଜନୀନ ଆଦୃତି ଲାଭ କଲାଣି । ଅନେକ ଆଶଙ୍କା କରୁଛନ୍ତି ଯେ ଏକବିଂଶ ଶତାବ୍ଦୀର ଶେଷ ସମୟକୁ ଓଡିଆ ଭାଷା ଓ ସାହିତ୍ୟର ଲିଖିତ ରୂପ ଲୋପ ପାଇ କେବଳ କଥିତ ଭାଷାରେ ପରିଣତ ହେବ । ଏତାଦୃଶ ସାରସ୍ୱତ ସଙ୍କଟ ପ୍ରତି ଓଡିଶାବାସୀ, ଛାତ୍ରସମାଜ, ଶିକ୍ଷକ ସମାଜ ତଥା ସରକାର ସମସ୍ତେ ସଚେତନ ହେବା ଉଚିତ୍ ।

ପ୍ରଶ୍ନାବଳୀ –

(କ) ମାନବିକ ମୂଲ୍ୟବୋଧ କିପରି ବୃଦ୍ଧି ପାଏ ?

(ଖ) କେଉଁ କଥା ଅନେକ ସ୍ୱୀକାର କରୁନାହାନ୍ତି ?

(ଗ) ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ଅନେକ କି ଆଶଙ୍କା କରୁଛନ୍ତି ?

(ଘ) ସଂପ୍ରତି ସାହିତ୍ୟ ପରିବର୍ତ୍ତେ କିଏ ସାର୍ବଜନୀନ ଆଦୃତି ଲାଭ କରିଛି ?

(ଙ) କେଉଁ କ୍ଷେତ୍ରରେ ସାହିତ୍ୟର ଭୂମିକା ଆଜି ଅର୍ଥହୀନ ହୋଇପଡିଛି ?

## 'ଖ' – ବିଭାଗ / Section – 'B' (15 Marks)

**2.** ଯେ କୌଣସି ଗୋଟିଏ ବିଷୟରେ ରଚ଼ନା ଲେଖ । (10)

(କ) ଆଧୁନିକ ଜୀବନ ଓ ବିଜ୍ଞାନ

(ଖ) ଶ୍ରୀଜଗନ୍ନାଥ ଓ ବିଶ୍ୱପ୍ରସିଦ୍ଧ ରଥଯାତ୍ରା

(ଗ) ପରିବେଶ ଓ ଏହାର ସୁରକ୍ଷା

**3.** ତୁମ ନୂଆ ଘର ପାଇଁ କିଛି ଅତ୍ୟାଧୁନିକ ଆସବାବପତ୍ର ଯୋଗାଇ ଦେବାକୁ ଅନୁରୋଧ କରି ତୁମ ଅଞ୍ଚଳର ଏକ ପ୍ରତିଷ୍ଠିତ ବ୍ୟବସାୟ ପ୍ରତିଷ୍ଠାନକୁ ଏକ ପତ୍ର ଲେଖ ।

କିମ୍ବା (5)

ତୁମ ଅଞ୍ଚଳ ବନ୍ୟା ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ । ସାଧାରଣ ସାହାଯ୍ୟ ତଥା ସୁବିଧା ଯୋଗାଇ ଦେବାକୁ ଅନୁରୋଧ କରି ଜିଲ୍ଲାପାଳଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

## 'ଗ' – ବିଭାଗ / Section – 'C' (15 Marks)

**2.** (କ) ସନ୍ଧି ବିଚ୍ଛେଦ କର । (ଯେ କୌଣସି ୪ଟିର) (4)

ଠିକ୍ ଉତ୍ତରଟି ବାଛି ଲେଖ –

**(I)** ବାଗ୍‌ଦେବୀ

**(i)** ବାଗ୍ + ଦେବୀ **(ii)** ବାକ୍ + ଦେବୀ

**(iii)** ବ୍ୟାଘ୍ର + ଦେବୀ **(iv)** ବାଗ + ଦେବୀ

**(II)** ସଂଶୋଧନ

**(i)** ସମ + ଶୋଧନ **(ii)** ସମ୍‌ଶୋ + ଧନ

**(iii)** ସମ୍ + ଶୋଧନ **(iv)** ସ + ମଶୋଧନ

(III) ନୀରସ

(i) ନି + ରସ (ii) ନିଃ + ରସ

(iii) ନୀ + ରସ (iv) ନୀଃ + ରସ

(IV) ମନସ୍ତାପ

(i) ମନ + ତାପ (ii) ମନ + ସ୍ତାପ

(iii) ମନସ୍ + ତାପ (iv) ମନଃ + ତାପ

(V) ବିଦ୍ୟୁଲ୍ଲତା

(i) ବିଦ୍ୟୁ + ଲତା (ii) ବିଦ୍ୟୁଃ + ଲତା

(iii) ବିଦ୍ୟୁତ୍ + ଲତା (iv) ବିଦ୍ୟୁ + ଲ୍ଲତା

(VI) ନମସ୍କାର

(i) ନମଃ + କାର (ii) ନମ + ସ୍କାର

(iii) ନମ + କାର (iv) ନମସ୍ + କାର

(ଖ) ଭ୍ରମ ସଂଶୋଧନ କର । (ଯେ କୌଣସି ୪ଟିର) (4)

(I) ଧର୍ଯ୍ୟ _______ (ଧଇର୍ଯ, ଧୈର୍ଯ୍ୟ, ଧଯ୍ୟ, ଧ୍ରଯ୍ୟ)

(II) ପ୍ରତେକ _______ (ପ୍ରତ୍ୟେକ, ପ୍ରତିକ, ପତ୍ରେକ, ପ୍ରତେକ୍ୟ)

(III) ଦାସରଥୀ _______ (ଦାସରଥି, ଦାକ୍ଷରଥୀ, ଦାଶରଥି, ଦାଶରଥୀ)

(IV) ସମିଚିନ _______ (ସମଚ୍ରିନ, ସମୀଚୀନ, ଶମିଚିନ, ସମୀଚିନ)

(V) ସର୍ବଜାନୀନ _______ (ସର୍ବଜନିନ, ଶାର୍ବଜନିନ, ସାର୍ବଜନୀନ, ସର୍ବଜନୀନ)

(ଗ) ବାକ୍ୟ ପରିବର୍ତ୍ତନ କର । (ଯେ କୌଣସି ୪ଟିର) (4)

(I) ନ୍ୟାୟ ପରାୟଣ ବ୍ୟକ୍ତିକୁ ନ୍ୟାୟ ହିଁ ରକ୍ଷା କରେ । (ଜଟିଳ ବାକ୍ୟ କର)

(II) ଯଦି ତୁମେ ପୁରୀ ଯିବ, ତେବେ ମୋ ପାଇଁ ମହାପ୍ରସାଦ ନିଶ୍ଚୟ ଆଣିବ । (ସରଳ ବାକ୍ୟ କର)

(III) ଆପଣ ମୋ କଥା ନଶୁଣିଲେ ମଧ ମୁଁ କହିବି । (ଯୌଗିକ ବାକ୍ୟ କର)

(IV) ବସନ୍ତ ଋତୁ ଆସିଲେ ଦକ୍ଷିଣ ଦିଗରୁ ପବନ ବହେ । (ଜଟିଳ ବାକ୍ୟ କର)

(V) ଯେଉଁମାନେ ସଜ୍ଜନ ସେମାନଙ୍କର କାର୍ଯ୍ୟରେ ବହୁ ପ୍ରତିବନ୍ଧକ ଆସେ । (ସରଳ ବାକ୍ୟ କର)

(VI) ଗୋବିନ୍ଦ ବାବୁ ଗୋଟିଏ କଥା ଭାବି ଦୁଃଖିତ ହେଉଛନ୍ତି । (ଯୌଗିକ ବାକ୍ୟ କର)

(ଘ) ବିଶେଷ ଅର୍ଥରେ ବାକ୍ୟରେ ବ୍ୟବହାର କର । (ଯେ କୌଣସି ୩ଟିର) (3)

ଆଖି ବୁଜି କ୍ଷୀର ପିଇବା, ଆକାଶ ପାତାଳ ପ୍ରଭେଦ, ଆଡ ଆଖିରେ ନଚାହିଁବା

ଉପରେ ଉପରେ ଭାସିବା, ଓଳିଆରୁ ପଡି ଗଜା

## 'ଘ' – ବିଭାଗ / Section – 'D' (40 Marks)

**5.** ଆଦର୍ଶ ହିଁ ମନୁଷ୍ୟକୁ ବିଶ୍ୱବରେଣ୍ୟ କରିଥାଏ – ଉକ୍ତିଟିର ସାର୍ଥକତା ଆଲୋଚନା କର ।

**କିମ୍ବା** (7)

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ ହିଁ ତ୍ୟାଗ ଓ ବଳିଦାନର ଇତିହାସ – ଉକ୍ତିର ସତ୍ୟତା ପଠିତ ପ୍ରବନ୍ଧ ଅବଲମ୍ବନରେ ପ୍ରତିପାଦନ କର ।

**6.** ସପ୍ରସଙ୍ଗ ସରଳାର୍ଥ ଲେଖ । (5)

ରାଜା ହେବାର ଅଭିମାନ ଯାହର ଅଛି, ଆଶ୍ରିତମାନଙ୍କୁ ରକ୍ଷା କରିବାର କର୍ତ୍ତବ୍ୟ ମଧ ତା'ର ଅଛି ।

**କିମ୍ବା**

ଶେଷରେ ଅନ୍ଧକାର ରାତିର ଅବସାନ ହେଲା ।

**7.** ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ସଠିକ୍ ଉତ୍ତରଟି ବାଛି ଲେଖ । (1 x 10 = 10)

**(I)** ଡକ୍ଟର ହରେକୃଷ୍ଣ ମହତାବ କେଉଁ ସ୍ମରଣୀୟ ଦିବସ କଥା କହିଛନ୍ତି ?

**(i)** ସାଧାରଣତନ୍ତ୍ର ଦିବସ **(ii)** ଉତ୍କଳ ଦିବସ

**(iii)** ପ୍ରଥମ ସ୍ୱାଧୀନତା ଦିବସ **(iv)** ବିଶ୍ୱ ତମାଖୁ ବର୍ଜନ ଦିବସ

**(II)** ନାଟକର ଶେଷ ଦୃଶ୍ୟରେ କିଏ ବାହାରି ଆସିଲେ ?

**(i)** ଖୁଦୀରାମ **(ii)** ମଙ୍ଗଳପାଣ୍ଡେ

**(iii)** ବାଜୀରାଉତ **(iv)** ଭଗତ ସିଂ

**(III)** କପୋତ ରାଜଙ୍କ ନାମ କ'ଣ ?

**(i)** ହୟଗ୍ରୀବ **(ii)** ସୁଗ୍ରୀବ

**(iii)** ସଦାଶିବ **(iv)** ଚିତ୍ରଗ୍ରୀବ

**(IV)** ସିମ୍ପସନ୍‌ଙ୍କୁ କିଏ ବିବାହ କରିବାକୁ ଚାହିଁଲେ ?

**(i)** ଇଂଲଣ୍ଡର ରାଜା ଅଷ୍ଟମ ଏଡ୍‌ୱାର୍ଡ୍ **(ii)** ନେପାଳର ରାଜପୁତ୍ର

**(iii)** କାଶ୍ମୀରର ହିନ୍ଦୁ ରାଜା ହରିସିଂ **(iv)** ରାଜା ରଣଜିତ୍ ସିଂ

**(V)** ସଦ୍ୟସ୍ୱାଧୀନ ଭାରତବର୍ଷର ପ୍ରଥମ ଅଗଷ୍ଟ ପନ୍ଦରରେ ଲକ୍ଷ୍ନୌରେ କିଏ ଭାଷଣ ଦେଉଥିଲେ ?

**(i)** ମହାତ୍ମାଗାନ୍ଧୀ **(ii)** ଦେଶବନ୍ଧୁ ଚିତ୍ତରଂଜନ

**(iii)** ଗୋବିନ୍ଦବଲ୍ଲଭ ପନ୍ଥ **(iv)** ସର୍ଦ୍ଦାର ବଲ୍ଲଭଭାଇ ପଟେଲ

**(VI)** ଅର୍ଜ୍ଜୁନ କ'ଣ ବୁଝିପାରି ଯୁଦ୍ଧ କଲେ ?

**(i)** ରାଜାର କର୍ତ୍ତବ୍ୟ (ii) କ୍ଷତ୍ରିୟର ଉଚିତ ଅଭିମାନ

**(iii)** ଭାଇ ପ୍ରତି ଭାଇର କର୍ତ୍ତବ୍ୟ **(iv)** ଜନ୍ମଭୂମିର ମୋହ

(VII) ବିଷ୍ଣୁଶର୍ମା କିଏ ?

(i) ରାମାୟଣର ଲେଖକ

(ii) ମେଘଦୂତର କବି

(iii) ବୈଦେହୀଶ ବିଳାସର କବି

(iv) ସୁପ୍ରସିଦ୍ଧ ସଂସ୍କୃତ କଥାଗ୍ରନ୍ଥ 'ପଞ୍ଚତନ୍ତ୍ର'ର ଲେଖକ

(VIII) କିଏ ଏକାବେଳେକେ ମନୁଷ୍ୟର ରୂପାନ୍ତର ଘଟାଇ ଦିଏ ?

(i) ହୀନର ଚକ୍ରାନ୍ତ (ii) ଉଚ୍ଚାଭିଳାଷ

(iii) ନୀଚ୍ଚାଭିଳାଷ (iv) କୂଟ ନୀତି

(IX) ବାଲ୍ୟକାଳରେ ଡାରଉଇନ୍ କେଉଁ ଦିଗ ପ୍ରତି ବିଶେଷ ଆକୃଷ୍ଟ ଥିଲେ ?

(i) କବିତା ଓ ସଙ୍ଗୀତ (ii) ଗଣିତ ଓ ବିଜ୍ଞାନ

(iii) ଧର୍ମ ଓ ସଂସ୍କୃତି (iv) ସମାଜ ସଂସ୍କାର ଓ ରାଜନୀତି

(X) ଅଦେଖା ପାହାଡ଼ ଉପରକୁ ଆମକୁ କିଏ ଘେନିଯାଏ ?

(i) ଲୋଭ (ii) ବିଦ୍ୟା

(iii) ଆଶା (iv) ଜ୍ଞାନ

8. ସପ୍ରସଙ୍ଗ ସରଳାର୍ଥ ଲେଖ । (5)

ଫଳ ଦାନେ ମୋକ୍ଷ ଫଳ ଲଭିଲା ଶବରୀ

**କିମ୍ବା**

ଧର୍ମ ଏକା ସିନା ମହତ ପଣିଆ,
ଆଉ ବଡ ପଣ ଅଢେଇ ଦିନିଆ ।

9. ପ୍ରତ୍ୟେକ ପ୍ରଶ୍ନ ତଳେ ଦିଆଯାଇଥିବା ଉତ୍ତରମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ । (1 x 8 = 8)

(I) 'ଯୁଧିଷ୍ଠିରଙ୍କର ଧର୍ମ ପରୀକ୍ଷା' କବିତାଟି ମହାଭାରତର କେଉଁ ପର୍ବରୁ ଆନୀତ ?

(i) ଭୀଷ୍ମପର୍ବ (ii) ଦ୍ରୋଣପର୍ବ

(iii) ସ୍ୱର୍ଗାରୋହଣ ପର୍ବ (iv) ବନପର୍ବ

(II) ଅଗସ୍ତିମୁନିଙ୍କୁ କିଏ ପୂଜା କଲେ ?

(i) ବିଲଙ୍କାର ରାଜା (ii) ଅଯୋଧ୍ୟାର ରାଜା

(iii) ଲଙ୍କାର ରାଜା (iv) ମିଥିଳାର ରାଜା

(III) ଶାନ୍ତା କିଏ ଥିଲେ ?

(i) ଜନକଙ୍କର କନ୍ୟା (ii) ଦଶରଥଙ୍କର କନ୍ୟା

(iii) ଲୋମପାଦଙ୍କର ଭଉଣୀ (iv) ରାବଣର ଭଉଣୀ

(IV) ରଘୁବୀର ବର୍ଷାକାଳ କେଉଁଠାରେ କାଟିଲେ ?

(i) ମାଲ୍ୟବନ୍ତ (ii) ଚିତ୍ରକୂଟ

(iii) ଦଣ୍ଡକାରଣ୍ୟ (iv) ପଞ୍ଚବଟୀ

(V) କନ୍ଦର୍ପ କାହାର ପୁତ୍ର ଅଟନ୍ତି ?

(i) ଗଣେଶ (ii) ଶିବ

(iii) ବିଷ୍ଣୁ (iv) କାର୍ତ୍ତିକ

(VI) ବଡପଣ ପାଖକୁ କିଏ ପଶିପାରେ ନାହିଁ ?

(i) କାଳ (ii) ଲୋଭ

(iii) ଭୟ (iv) ରୋଗ

(VII) 'ବଡପଣ' କବିତାଟି କବିଙ୍କର କେଉଁ କାବ୍ୟର ଅଂଶ ବିଶେଷ ?

(i) କେଦାରଗୌରୀ (ii) ଦରବାର

(iii) ନନ୍ଦିକେଶ୍ୱରୀ (iv) ପାର୍ବତୀ

(VIII) ଯୁଧିଷ୍ଠିର କାହାକୁ ସ୍ୱର୍ଗଯାତ୍ରା ପାଇଁ ସହଯାତ୍ରୀ କଲେ ?

(i) ବୃଷଭ (ii) ଶୁକ୍ଳାମ୍ବର ଶ୍ୱାନ

(iii) ଦ୍ରୌପଦୀ (iv) ଦ୍ୱିତୀୟ ପାଣ୍ଡବ

10. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । (5)

(କ) ଗାଆଁର ଦୁଇ ଦିଗରେ ଯେଉଁ ଦୁଇପ୍ରକାର ଚହଳ ପଡିଥିଲା ଆଲୋଚନା କର ।

(ଖ) ଗ୍ରାମବାସୀ ବୃଦ୍ଧ ପ୍ରତି ଗାନ୍ଧିଜୀ ଶ୍ରଦ୍ଧାବାନ୍ ହୋଇ ଉଠିଲେ କାହିଁକି ?

(ଗ) ଅଶୋକଙ୍କର ମନ ପରିବର୍ତ୍ତନ ହେଲା କିପରି – ବର୍ଣ୍ଣନା କର ।

◎◎◎